୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ଖେଳ ପର୍ଯ୍ୟବେକ୍ଷକ




## କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲରେ ଗ୍ଲୋବାଲ ୟୁନିଭର୍ସିଟି ଫେୟାର

ଭୁବନେଶ୍ୱର,(ପି.ଏନ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ପକ୍ଷରୁ 'ଗ୍ଲୋବାଲ ୟୁନିଭର୍ସିଟି ଫେୟାର'ର ତୃତୀୟ ସଂସ୍କରଣ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶରୁ ୭୦ରୁ ଅଧିକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଯୋଗ ଦେଇଥିଲେ। ଭାରତୀୟ ଛାତ୍ରଛାତ୍ରୀଙ୍କୁ ବିଦେଶରେ ଉଚ୍ଚଶିକ୍ଷା ସମ୍ଭାବନା ସୃଷ୍ଟି କରିବାର ଏକ ଅଭୂତପୂର୍ବ ସୁଯୋଗ ପ୍ରଦାନ କରିଛି ଗ୍ଲୋବାଲ ୟୁନିଭର୍ସିଟି ଫେୟାର। ଏହି ଫେୟାରରେ ଭାରତ ସମେତ ଆମେରିକା, ବ୍ରିଟେନ, କାନାଡ଼ା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ସ୍ୱିଜରଲ୍ୟାଣ୍ଡ, ଆୟାର୍ଲାଣ୍ଡ, ଦୁବାଇ, ଫିନଲାଣ୍ଡ ଓ ବିଭିନ୍ନ ଦେଶର ବଡ଼ବଡ଼ ଶିକ୍ଷାନୁଷ୍ଠାନ ସାମିଲ ହୋଇଥିଲେ। କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ସମେତ ବିଭିନ୍ନ ଅଗ୍ରଣୀ ସ୍କୁଲର ୨ହଜାରରୁ ଅଧିକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମର ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ପ୍ରତିନିଧିଙ୍କ ସହିତ



ସିଧାସଳଖ ଆଲୋଚନା କରିବା ସହିତ ବିଶ୍ୱସ୍ତରୀୟ ଉଚ୍ଚଶିକ୍ଷା ସୁଯୋଗ, ଛାତ୍ରବୃତ୍ତି, ପ୍ରବେଶ ପ୍ରକ୍ରିୟା ଏବଂ କ୍ୟାରିୟର ସୁଯୋଗ ଆଦି ପଚାରି ବୁଝିଥିଲେ।ମେଳା ଅବସରରେ କିଟ ଇଣ୍ଟରନ୍ୟାସନାଲ ସ୍କୁଲ ମଧ୍ୟ ଅନ୍ତର୍ଜାତୀୟ ଇଂରାଜୀ ଭାଷା ପରୀକ୍ଷା ପ୍ରଣାଳୀ (ଆଇଇଏଲଟିଏସ) ସହିତ ଏକ ଆନୁଷ୍ଠାନିକ ସହଭାଗିତାରେ ସ୍ୱାକ୍ଷର କରିଥିଲା। କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ଆଇଇଏଲଟିଏସର ଏକ କେନ୍ଦ୍ର ଖୋଲିବ। ଫଳରେ ବିଦେଶରେ ପଢ଼ିବାକୁ ଚାହୁଁଥିବା ବହୁ ଛାତ୍ରଛାତ୍ରୀ ଏଥିରୁ ତାଲିମ ପାଇପାରିବେ। ଏଭଳି କେନ୍ଦ୍ର ଖୋଲିବାରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ ହେଉଛି ଓଡ଼ିଶାର ଏକମାତ୍ର ବିଦ୍ୟାଳୟ। ବିଶ୍ୱର ସବୁଠାରୁ ବିଶ୍ୱସନୀୟ ଇଂରାଜୀ ଭାଷା ଦକ୍ଷତା ପରୀକ୍ଷା ଆଇଇଏଲଟିଏସ ୧୪୦ ରୁ ଅଧିକ ଦେଶର ୧୨ ହଜାରରୁ ଅଧିକ ପ୍ରତିଷ୍ଠାନ ଦ୍ୱାରା ସ୍ୱୀକୃତିପ୍ରାପ୍ତ। ଏହି ସହଯୋଗ ଛାତ୍ରଛାତ୍ରୀମାନଙ୍କୁ ଆଇଇଏଲଟିଏସ ସମ୍ବଳ, କର୍ମଶାଳା ଏବଂ ପ୍ରସ୍ତୁତି ସହାୟତା ପାଇଁ ସ୍ୱତନ୍ତ୍ର ପ୍ରବେଶ ପ୍ରଦାନ କରିବାରେ ସହାୟକ ହେବ। ଏହା ସହ ସେମାନଙ୍କୁ ଶ୍ରେଷ୍ଠ ବ୍ୟାଣ୍ଡ ସ୍କୋର ହାସଲ, ବିଶ୍ୱସ୍ତରୀୟ ଶିକ୍ଷା ଏବଂ କ୍ୟାରିଅର ସମ୍ଭାବନାକୁ ଅନୁସରଣ କରିବାରେ ସାହାଯ୍ୟ କରିବ। ଏହି ଅବସରରେ କିଟ ଇଣ୍ଟରନ୍ୟାସନାଲ ସ୍କୁଲ ଚେୟାରପର୍ସନ ଡ ମୋନା ଲିସା ବଲ ସୂଚନା ଦେଇ କହିଲେ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ସୁଯୋଗ ସହିତ ସଶକ୍ତ କରିବାକୁ ପ୍ରତିବଦ୍ଧ। ଏଭଳି ଗ୍ଲୋବାଲ ୟୁନିଭର୍ସିଟି ଫେୟାର ଏବଂ ଆଇଇଏଲଟିଏସ୍ ଜରିଆରେ ପ୍ରତ୍ୟେକ ପିଲା ବିଶ୍ୱ ସ୍ତରରେ ଯେଭଳି ଉଚ୍ଚଶିକ୍ଷା ଲାଭ କରିପାରିବେ ସେ ନେଇ ଆମେ ଯତ୍ନଶୀଳ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର, ଇଣ୍ଟରନ୍ୟାସ୍‌ନାଲ୍ ପାଠ୍ୟକ୍ରମ ମୁଖ୍ୟ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପାରାଦୀପ କଳିଙ୍ଗ ବାଲିଯାତ୍ରା ର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ : ମହୋତ୍ସବର ସଫଳ ଆୟୋଜନ ଉପରେ ଶିକ୍ଷାମନ୍ତ୍ରୀଙ୍କ ଗୁରୁତ୍ୱ

ପାରାଦୀପ ,(ପି.ଏନ): ଓଡ଼ିଶାର ଦ୍ୱିତୀୟ ପ୍ରସିଦ୍ଧ ପାରାଦୀପ କଳିଙ୍ଗ ବାଲିଯାତ୍ରା ର ପ୍ରଥମ ପ୍ରସ୍ତୁତି ବୈଠକ ସ୍ଥାନୀୟ ଅଫିସର୍ସ କ୍ଲବ ପରିସରରେ ଗୁରୁବାର ଅପରାହ୍ନରେ ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ସଭାପତି ଜେ.ସୋନାଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମହୋତ୍ସବକୁ ଶାନ୍ତିପୂର୍ଣ୍ଣ ଓ ସଫଳତାର ସହ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ମହାପାତ୍ର ଙ୍କ ସମେତ ପାରାଦୀପ ବନ୍ଦର, ଇଫକୋ,




ପିପିଏଲ ଆଇଓସିଏଲ ସମସ୍ତ କମ୍ପାନୀ ଅଧିକାରୀ, ବାଲିଯାତ୍ରା କମିଟିର ସଦସ୍ୟ ଓ ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ରହି ଆସନ୍ତା ନଭେମ୍ବର ୪ ତାରିଖରେ ଆଠଦିନ ବ୍ୟାପି ଏହି କଳିଙ୍ଗ ବାଲିଯାତ୍ରାର ସଫଳ ଆୟୋଜନ ପାଇଁ ଆଲୋଚନା କରିଥିଲେ । ଏହି ସଭାରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ଉପସଭାପତି ନିରଞ୍ଜନ ବେହେରା ମହୋତ୍ସବ ବିବରଣୀ ପାଠ କରିଥିବା ବେଳେ ପୌର ନିର୍ବାହୀ ଅଧିକାରୀ ତଥା କମିଟିର ସମ୍ପାଦକ ଅଭିଷେକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ବହୁ ବୁଦ୍ଧିଜୀବୀ, କମିଟି ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ଓ ଅନୁଷ୍ଠାନର ପ୍ରତିନିଧି ମାନେ ଉପସ୍ଥିତ ରହି ମହୋତ୍ସବର ସଫଳତା ପାଇଁ ଉପାଦେୟ ଆଲୋଚନା ଓ ପ୍ରସ୍ତାବ ଦେଇଥିଲେ ।

## ବ୍ଲେଣ୍ଡର୍ସ ପ୍ରାଇଡ ପକ୍ଷରୁ 'ଫୋର ଏଲିମେଂଟସ'ର ଶୁଭାରମ୍ଭ

ରାଉରକେଲା : ପ୍ରମିୟମ ହ୍ୱିସକି ବ୍ରାଣ୍ଡମାନଙ୍କ ମଧ୍ୟରେ ସବୁଠାରୁ ଅଗ୍ରଣୀ ବ୍ରାଣ୍ଡ, ବ୍ଲେଣ୍ଡର୍ସ ପ୍ରାଇଡ ପକ୍ଷରୁ ଏହାର ନୂତନ 'ବ୍ଲେଣ୍ଡର୍ସ ପ୍ରାଇଡ ଫୋର ଏଲିମେଂଟସ'ର ଶୁଭାରମ୍ଭ କରାଯାଇଛି । ପ୍ରକୃତିର ଚାରୋଟି ମୂଳ ତତ୍ୱରୁ ପ୍ରେରିତ, ଏହା ଏକ ସୁନିୟୋଜିତ ଓ ସୁନ୍ଦର ମିଶ୍ରଣ, ଯାହା ପ୍ରତ୍ୟେକରେ ଅଲଗା ଅଲଗା ସ୍ୱାଦର ଅନୁଭବ ଦେଇଥାଏ। ଅଭିଜ୍ଞ ହ୍ୱିସ୍କି ପ୍ରେମୀ ଓ ନୂଆ ସ୍ୱାଦ ଖୋଜୁଥିବା ଲୋକଙ୍କୁ ଆକର୍ଷିତ କରିବା ପାଇଁ ପ୍ରସ୍ତୁତ ହୋଇଥିବା ଏହି ବିଶେଷ ମିଶ୍ରଣ ବ୍ଲେଣ୍ଡର୍ସ ପ୍ରାଇଡର ଏକ ବଡ଼ ସଫଳତା । ମାଷ୍ଟର ବ୍ଲେଣ୍ଡର କେଭିନ ବାଲମଫୋର୍ଥ ଏହି ଅନନ୍ୟ ଏବଂ ସ୍ୱାଦିଷ୍ଟ ମାଷ୍ଟରପିସ ପ୍ରସ୍ତୁତ କରିବା ପାଇଁ ଚାରି ପ୍ରକାରର ସ୍କଚ ମାଲ୍ଟସ ସହିତ ବଛା ବଛା ଭାରତୀୟ ଶସ୍ୟକୁ ବ୍ୟବହାର କରାଯାଇଛି । ଏହି ଚାରି ତତ୍ୱ ମିଶ୍ରଣ ହୋଇ 'ଅମ୍ବର ଡ୍ରପ'ରେ ସ୍ୱାଦର ଜୀବନତା ଭରି ଦିଏ ଏବଂ ଏହା ଏକ ଅଦ୍ଭୁତ ଅନୁଭୂତି ପାଇଁ ଆମନ୍ତ୍ରଣ କରନ୍ତି । ପ୍ରେନୋଡ ରିଚାର୍ଡ ଇଣ୍ଡିଆର ଜେନେରାଲ ମ୍ୟାନେଜର- ମାର୍କେଟିଂ ଇସୱିଣ୍ଡର ସିଂହ କହିଛନ୍ତି ଯେ, 'ଉଦ୍ଭାବନ ଏବଂ ଉତ୍କର୍ଷତା ପ୍ରତି ଆମର ଉତ୍ସର୍ଗୀକୃତ ଭାବ ବ୍ଲେଣ୍ଡର୍ସ ପ୍ରାଇଡକୁ ହ୍ୱିସକି ଶିଳ୍ପରେ ଅଗ୍ରଣୀ କରାଇଛି । ଆଜି, ଆମେ ବ୍ଲେଣ୍ଡର୍ସ ପ୍ରାଇଡ ଫୋର ଏଲିମେଂଟସର ଉପସ୍ଥାପନକରି ବହୁତ ଖୁସି, ଯାହା ଆମ ଫୋର୍ଟଫୋଲିଓକୁ ଏକ ଗତିଶୀଳ ଯୋଗଦାନ ହେବାକୁ ଯାଉଛି ।' ଏହି ନୂତନ ମିଶ୍ରଣର ପ୍ରସ୍ତୁତି ସଂପର୍କରେ ମତଦେଇ ମାଷ୍ଟର ବ୍ଲେଣ୍ଡର କେଭିନ ବାଲମଫୋର୍ଥ କହିଛନ୍ତି ଯେ, ' ବ୍ଲେଣ୍ଡର୍ସ ପ୍ରାଇଡ ଫୋର ଏଲିମେଂଟସ ସହିତ ଆମେ ଗ୍ରାହକ ମାନଙ୍କୁ ଏକ ଅନନ୍ୟ ଏବଂ ଭିନ୍ନ ଅନୁଭୂତି ପ୍ରଦାନ କରୁଛୁ । ଏହି ପ୍ରମିୟମ ହ୍ୱିସକି ଚାରି ଶୈଳୀର ସ୍କଚ ମାଲ୍ଟ ଏବଂ ଭାରତୀୟ ଶସ୍ୟ ସ୍ପିରିଟସ ମିଶ୍ରଣରେ ଅତ୍ୟ' ଯତ୍ନର ସହକାରେ ପ୍ରସ୍ତୁତ ହୋଇଛି । ଯାହା ମୌଳିକ ଶକ୍ତି- ପୃଥିବୀ , ବାୟୁ , ଅଗ୍ନି

## ଭୁବନେଶ୍ୱରରେ ରାୟଗଡ଼ା ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତିନିଧି ଆଲୋକ ମହାରଣାଙ୍କୁ "ପୁରସ୍କାର" ସମ୍ମାନିତ କରାଗଲା

ଭୁବନେଶ୍ୱର,(ପି.ଏନ): ରାୟଗଡ଼ା ଓଡ଼ିଶା ପତ୍ରକାର ସଂଘର ୧୬ ତମ ପ୍ରତିଷ୍ଠା ଦିବସ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ପରିସରରେ ଥିବା ଗୀତ ଗୋବିନ୍ଦ ସଦନ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପତ୍ରକାର ସଂଘର ସଭାପତି ସମ୍ପାଦକ ଓ ସଭ୍ୟ ମାନେ ଉପସ୍ଥିତ ଥିଲେ। ଏଥିରେ ଶିଳ୍ପପତି ସମାଜସେବୀ ସାମ୍ବାଦିକ ମାନଙ୍କୁ ସମ୍ମାନିତ କରାଯାଇଥିଲା। ସେଥି



ମଧ୍ୟରୁ ରାୟଗଡ଼ା ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତିନିଧି ଆଲୋକ ମହାରଣାଙ୍କୁ ଲେଖନୀ ପାଇଁ ସମ୍ମାନିତ କରାଯାଇଥିଲା ।ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଉପସ୍ଥିତ ଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଅବକାରୀ ମନ୍ତ୍ରୀ ଅରବିନ୍ଦ ଢ଼ାଲି, ଉପସ୍ଥିତ ଥିଲେ। ଆୟୋଜିତ ବିଶେଷ ସଭାରେ,ସାମାଜିକ ସେବା ଓ ଗଣମାଧ୍ୟମ କ୍ଷେତ୍ରରେ ଏହି ସମ୍ମାନ ଆଲୋକ ମହାରଣା ସ୍ମରଣୀୟ କରିବା ସହିତ, ଆଗାମୀଦିନରେ ଆହୁରି ବଡ଼ କାର୍ଯ୍ୟ ପାଇଁ ପ୍ରେରଣା ଦେବ ବୋଲି ଆୟୋଜକମାନେ ମତବ୍ୟକ୍ତ କରିଛନ୍ତି।

## ରାୟଗଡ଼ରେ ରାଜନୀତିକ ମହାଧମାକା : ବିଜେଡି ଛାଡିଲେ ଏନ୍. ଭାସ୍କର ରାଓ, "ବିଜୁ ସ୍ୱାଭିମାନ ମଞ୍ଚ" ଘୋଷଣା

ରାୟଗଡ଼ା, (ପି.ଏନ): ବିଜେଡିରେ ଏକ ବଡ଼ ଭୂମିକମ୍ପ ସୃଷ୍ଟି ହୋଇଛି। ଦଳର ସିନିଅର ନେତା, ପୂର୍ବତନ ରାଜ୍ୟସଭା ସାଂସଦ ଓ ରାୟଗଡ଼ାର ପ୍ରଭାବଶାଳୀ ମୁହାଁ ଏନ୍. ଭାସ୍କର ରାଓ ଆଜି ସରକାରୀ ଭାବେ ବିଜେଡିରୁ ପଦତ୍ୟାଗ କରିଛନ୍ତି। ଦୀର୍ଘଦିନ ଧରି ଦଳରେ ଚାଲିଥିବା ଭିତରୁଣୀକୁ ସେ ଖୋଲାସା କରି, କହିଛନ୍ତି "ବିଜୁଙ୍କ ନାମରେ ଦଳ ଚାଲୁଛି, କିନ୍ତୁ ବିଜୁଙ୍କ ଆଦର୍ଶକୁ ଦଳ ପାଳନ କରୁନାହିଁ। କର୍ମୀମାନଙ୍କୁ ସମ୍ମାନ ମିଳୁନାହିଁ, ସ୍ଥାନୀୟ ନେତାଙ୍କୁ ଅବମାନିତ କରାଯାଉଛି। ହାଇକମାଣ୍ଡରେ ନିଷ୍ପତ୍ତି ସୀମିତ ରହିଗଲା, ଏଥିରେ ମୁଁ ସହମତ ନୁହେଁ।""ବିଜୁ ସ୍ୱାଭିମାନ ମଞ୍ଚ" – ଏକ ନୂଆ ପରିକଳ୍ପନାଭାସ୍କର ରାଓ ପଦତ୍ୟାଗ ପରେ, ପୂର୍ବତନ ମନ୍ତ୍ରୀ ଲାଲ ବିହାରୀ ହିମିରିକା ଓ ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୌଲାଙ୍କ ସହିତ ବୈଠକ କରି "ବିଜୁ ସ୍ୱାଭିମାନ ମଞ୍ଚ" ନାମରେ ଏକ ସାମାଜିକ ପ୍ଲାଟଫର୍ମ ଗଠନ କରିଛନ୍ତି।ସେ କହିଛନ୍ତି, "ଏହି ମଞ୍ଚ କୌଣସି ଦଳୀୟ ବିକଳ୍ପ ନୁହେଁ, ବରଂ ଲୋକଙ୍କ ସ୍ୱାର୍ଥକୁ ସୁରକ୍ଷା କରିବା ଓ ବିଜୁଙ୍କ ସ୍ୱାଭିମାନକୁ ପୁନଃ ପ୍ରତିଷ୍ଠା



କରିବା ପାଇଁ ଏକ ପ୍ରୟାସ। ପଦତ୍ୟାଗର ପ୍ରଭାବ : ବିଜେଡିରେ ଗୋଲମାଲ – ରାୟଗଡ଼ା ଇଉନିଟ୍ରେ ବିଭାଜନର ସ୍ପଷ୍ଟ ସଙ୍କେତ। ପ୍ରତିପକ୍ଷରେ ନୂଆ ଆଶା – ଭାସ୍କର ରାଓଙ୍କ ପଦତ୍ୟାଗକୁ ନେଇ ବିରୋଧୀ ଦଳରେ ଖୁସିର ଲହର। କର୍ମୀମାନଙ୍କରେ ଗୋଳବିଗୋଳ – ଅନେକ ଗ୍ରାସରୁଟ୍ କାର୍ଯ୍ୟକର୍ତ୍ତା ବିଜୁ ସ୍ୱାଭିମାନ ମଞ୍ଚରେ ଯୋଗ ଦେବାକୁ ଆଗ୍ରହି।୨୦୨୯ ନିର୍ବାଚନ ପୂର୍ବରୁ ବଡ଼ ଟ୍ୱିଷ୍ଟ, ଓଡ଼ିଶାରେ ନୂଆ ରାଜନୀତିକ ସମୀକରଣର ସୃଷ୍ଟି ସମ୍ଭାବନା। ରାୟଗଡ଼ାରେ ଭାସ୍କର ରାଓଙ୍କର ପ୍ରଭାବ ଦୃଷ୍ଟିରେ, ଏହି ପଦତ୍ୟାଗକୁ ବିଜେଡି ପାଇଁ ବଡ଼ ଆଘାତ ବୋଲି ମନାଯାଉଛି। ଏହା ସହିତ ୨୦୨୯ ନିର୍ବାଚନ ପୂର୍ବରୁ ଏହି ପଦକ୍ଷେପ ରାଜ୍ୟରେ ରାଜନୀତିକ ଚାଲିଚିତ୍ରକୁ ଏକଦମ୍ ବଦଳାଇ ପାରେ।

## ଜିନ୍ଦଲ୍ ଷ୍ଟେନ୍‌ଲେସ ଫାଉଣ୍ଡେସନ୍ ତରଫରୁ ଡଷ୍ଟବିନ୍ ବିତରଣ

କଳିଙ୍ଗନଗର, (ପି.ଏନ):ଯାଜପୁର ସ୍ଥିତ ଜିନ୍ଦଲ୍ ଷ୍ଟେନ୍‌ଲେସ ଲିମିଟେଡ ର ସାମାଜିକ ଦାୟିତ୍ୱ ଶାଖା ଜିନ୍ଦଲ୍ ଷ୍ଟେନ୍‌ଲେସ ଫାଉଣ୍ଡେସନ୍ ଏହାର ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ଅଧିନରେ ଷ୍ଟେନଲେସ୍ ସ୍ୱଛତା ଅଭିଯାନ କାର୍ଯ୍ୟକାରୀ କରି ଆସୁଅଛି ଯାହାର ଲକ୍ଷ୍ୟ ସ୍ୱଚ୍ଛ ଏବଂ ସୁସ୍ଥ ସମାଜକୁ ପ୍ରୋତ୍ସାହିତ କରିବା । ଏହି ପ୍ରକଳ୍ପ ମାଧ୍ୟମରେ ପ୍ରାଥମିକ ପର୍ଯ୍ୟାୟରେ ସୋଲେଇ, ସିଙ୍ଗାଗଡ଼ିଆ,ଦାନଗଦୀ ପ୍ରଭୃତି ଗ୍ରାମ ସହିତ ଦାନଗଦୀ ବଜାରକୁ ଅନ୍ତର୍ଭୁକ୍ତ କରାଯାଇ ଅଛି । ଏହି ପ୍ରକଳ୍ପ ମାଧ୍ୟମରେ ଉପରୋକ୍ତ ଗ୍ରାମଗୁଡ଼ିକରୁ ଦୈନନ୍ଦିନ ଭିତ୍ତିରେ ଆବର୍ଜନା ସଂଗ୍ରହ କରାଯିବା ସହିତ ବିଭିନ୍ନ ପ୍ରକାର ଜନ ସଚେତନତା କାର୍ଯ୍ୟକ୍ରମ ଯଥା ଗ୍ରାମ୍ୟ ସ୍ତରରେ ସଚେତନତା ସଭା, ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନତା କରେଇବା ପାଇଁ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ ଏବଂ ସର୍ବୋପରି ଡ଼ାକବାଜୀ ଯନ୍ତ୍ର ସାହାଯ୍ୟରେ ଲୋକମାନଙ୍କୁ କାର୍ଯ୍ୟକ୍ରମର ଉପଲବ୍ଧିତା ତଥା ଉପଯୋଗୀତା ଉପରେ ସଚେତନ କରାଯାଉଛି। ଏହି ଅଭିଯାନର ଅଂଶ ସ୍ୱରୂପ, ସେପ୍ଟେମ୍ବର ୯ତାରିଖରେ ସିଙ୍ଗାଗାଡ଼ିଆ ଗ୍ରାମରେ ଏକ ଡଷ୍ଟବିନ୍ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ କରି ସଠିକ୍ ଆବର୍ଜନା ନିଷ୍କାସନ ଅଭ୍ୟାସକୁ ଉତ୍ସାହିତ କରିବା ପାଇଁ ସ୍ଥାନୀୟ



ପରିବାରକୁ ୨୦୦ ଡଷ୍ଟବିନ୍ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଦାନଗଦୀ ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ପ୍ରଶାନ୍ତ କୁମାର ସେଠୀ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ, ଯିଏ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନର ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ଜୀବନର ଗୁଣବତ୍ତା ଉନ୍ନତ କରିବାରେ ସ୍ୱଛତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। । ଏତଦବ୍ୟତୀତ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଯାଜପୁରର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଲମ୍ବୋଦର ଖୁଣ୍ଟିଆ, ଜିଲ୍ଲା ସ୍ୱଛତା ବିଭାଗର ମୁଖ୍ୟ ଶ୍ରୀ ମାନସ କୁମାର ମହାରଣା, ଦାନଗଦୀ ବ୍ଲକ୍ ସ୍ୱଚ୍ଛତା ବିଭାଗର ସଂଯୋଜକ ଶ୍ରୀ ଦୀପ୍ତି କୁମାର ମଲ୍ଲିକ, ତ୍ରିଜଙ୍ଗା ଗ୍ରାମ ପଞ୍ଚାୟତର ସରପଞ୍ଚ କାଗେଜି ପାତ୍ର, ନାଏବ ସରପଞ୍ଚ ଜାହାଙ୍ଗୀର୍ ଖାନ୍, ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ ହେମାଞ୍ଜଳି ପତି, ପ୍ରମୁଖ ଯୋଗଦେଇ ସିଙ୍ଗାଗାଡ଼ିଆ ଗ୍ରାମ ର ଉପସ୍ଥିତ ଅଧିବାସୀ ମାନଙ୍କୁ ସମ୍ବୋଧିତ କରି ସ୍ୱଚ୍ଛତା ବଜାୟ ରଖିବାରେ ସମ୍ପ୍ରଦାୟର ଅଂଶଗ୍ରହଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ଏକ ପ୍ରଭାବଶାଳୀ ବର୍ଜ୍ୟବସ୍ତୁ ପରିଚାଳନା ମଡେଲ କାର୍ଯ୍ୟକାରୀ କରିବାରେ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନର ପ୍ରୟାସକୁ ପ୍ରଶଂସା କରିଥିଲେ। । ଏହି କାର୍ଯ୍ୟକ୍ରମଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ସିଏସଆର ବିଭାଗ ଦ୍ୱାରା ଆୟୋଜିତ କରାଯାଇଥିଲା, ଯାହା ଡଷ୍ଟବିନର ସଠକ୍ ବ୍ୟବହାର ଏବଂ ଅଳିଆ ପୃଥକୀକରଣ ଉପରେ ସଚେତନତା ଅଧିବେଶନ ମଧ୍ୟ ଆୟୋଜନ କରିଥିଲା। ଶରଦ କୁମାର ଯାଦବ, ସୁସ୍ମିତା ପୁହାଣ, ସସ୍ମିତା ମହାରଣା, ଯଶସ୍ୱୀ ସାହୁ ଏବଂ ଆସିଫ୍ ଖାନଙ୍କ ସମେତ ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେସନର ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମକୁ ସକ୍ରିୟ ଭାବରେ ସମର୍ଥନ କରିଥିଲେ, ସୁଗମ କାର୍ଯ୍ୟାନ୍ୱୟନ ଏବଂ ସାମୁଦାୟିକ ସମ୍ପୃକ୍ତି ସୁନିଶ୍ଚିତ କରିଥିଲେ। ଏହି ପଦକ୍ଷେପ ଅଞ୍ଚଳରେ ସ୍ଥାୟୀ ପରିଷ୍କାର ପରିଚ୍ଛନ୍ନତା ଏବଂ ଉନ୍ନତ ପରିଚ୍ଛନ୍ନତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ସାମୁଦାୟିକ କଲ୍ୟାଣ ପ୍ରତି ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରୁଛି।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray